# ବରଗଡ ଧନୁଯାତ୍ରା ମହୋତ୍ସବ ୨୦୨୫-୨୬

## <u>କଳାକାର ଚୟନ ପାଇଁ ବିଜ୍ଞପ୍ତି</u>

### ବିଜ୍ଞାପନ ସଂଖ୍ୟା : ୦୪ /ତା. ୧୭. ୧୦. ୨୦୨୫

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି କ୍ରମେ ବରଗଡ଼ ଧନୁଯାତ୍ରା ମଥୁରା ନଗରୀର ନିମ୍ନଲିଖିତ ଚରିତ୍ର ମାନଙ୍କ ଚୟନ ପାଇଁ ଇଚ୍ଛୁକ କଳାକାର ମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ ରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଚୟନ ପାଇଁ ଉଦ୍ଦିଷ୍ଟ ଚରିତ୍ର ଗୁଡିକ :-

**୧ । ମହାରାଜା କଂସ ୨। ମହାମନ୍ତ୍ରୀ ୩ । ସାର୍ତ୍ତକୀ ୪ । ଚାଣୁର ୫। ମୁଷ୍ଟିକ ୬ । ଅକ୍ରୁର**
**୭ । ଉଗ୍ରସେନ ୮ । ବାସୁଦେବ ୯ । ଦେବକୀ ୧୦ । ନାରଦ ୧୧ । ସେନାପତି**

ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଆବେଦନ ପତ୍ର ବରଗଡ଼ ଜିଲ୍ଲା ୱେବ ସାଇଟ https://bargarh.nic.in କିମ୍ବା ଧନୁଯାତ୍ରା ୱେବସାଇଟ https://bargarhdhanuyatra.in ରୁ ଡାଉନଲୋଡ଼ କରି ଅତିରିକ୍ତ ଜିଲ୍ଲାପାଳ ତଥା ଉପ ସଭାପତି ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼ଙ୍କ କାର୍ଯ୍ୟାଳୟ ଠାରେ ବ୍ୟକ୍ତିଗତ ଭାବେ / ଡାକ ଯୋଗେ କିମ୍ବା ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ ।

1. ଆବେଦନ ପତ୍ର ଗୁଡିକ ଆଗାମୀ ତା. ୧୮. ୧୦. ୨୦୨୫ ରିଖ ଦିବା ୧୦ ଘଟିକା ଠାରୁ ତା. ୦୧. ୧୧. ୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ (ଛୁଟି ଦିନ ବ୍ୟତୀତ) ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟ ପରେ ଗ୍ରହଣ ହୋଇ ଥିବା ଆବେଦନ ପତ୍ର ଗୁଡିକର ବିଚାରକୁ ନିଆଯିବ ନାହିଁ ।
2. ଜଣେ କଳାକାର ସର୍ବାଧିକ ୨ଟି ଭୂମିକା ପାଇଁ ଆବେଦନ କରିପାରିବେ ।
3. ଆବେଦନକାରୀ/ପ୍ରାର୍ଥୀଙ୍କର ସ୍କ୍ରିପ୍ଟ ବିହୀନ ଖୋଲା ରଙ୍ଗମଞ୍ଚରେ ଅଭିନୟର ଅଭିଜ୍ଞତା ଥିବା ଆବଶ୍ୟକ ।
4. ଚୟନ ସମୟରେ ଯିବା ଆସିବା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ଓ ଇଚ୍ଛୁକ କଳାକାରମାନେ ଯଦି ଚାହିଁବେ ଚୟନ ସମୟରେ ନିଜଖର୍ଚ୍ଚରେ ବେଶଭୁଷା ସଜ୍ଜିତ ହୋଇପାରିବେ ।
5. ଧନୁଯାତ୍ରା ପାଇଁ ମନୋନୀତ କଳାକାର ମାନେ ବରଗଡ଼ ଧନୁଯାତ୍ରାରେ ଅଭିନୟ କରୁଥିବା ପର୍ଯ୍ୟନ୍ତ ଅନ୍ୟ କୌଣସି ଧନୁଯାତ୍ରାରେ ସମ୍ପୃକ୍ତ ଭୂମିକାରେ ଅଭିନୟ କରିପାରିବେ ନାହିଁ ।
6. କଂସ ଭୂମିକାରେ ଅଭିନୟ କରିବା ପାଇଁ ବୟସ ସୀମା ୧୮ ବର୍ଷ ରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
7. ସମସ୍ତ ଆବେଦନକାରୀଙ୍କୁ ଚୟନ ପ୍ରକ୍ରିୟା (Audition)ରେ ଯୋଗ ଦେବା ନିମନ୍ତେ ନିର୍ଦ୍ଧାରିତ ସ୍ଥାନ, ତାରିଖ ଏବଂ ସମୟ ଫୋନ / ୱାଟ୍ସଆପ୍ / ଇମେଲ ଯୋଗେ ଅବଗତ କରାଯିବ ।
8. ଚୟନ ପ୍ରକ୍ରିୟା (Audition)ରେ ମନୋନୀତ କଳାକାରମାନେ ନିର୍ଦ୍ଧାରିତ ତାରିଖ ଠାରୁ ଧନୁଯାତ୍ରା ସମାପ୍ତ ହେବା ପର୍ଯ୍ୟନ୍ତ ବରଗଡରେ ଅଭ୍ୟାସ ଓ ଅଭିନୟ ପାଇଁ ଉପଲବ୍ଧ ହେବେ ।
9. ପ୍ରାର୍ଥୀ ଆବେଦନ ସମୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯେକୌଣସି ଏକ ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର କାର୍ଡ, ପାନ କାର୍ଡ, ପାସପୋର୍ଟ, ବ୍ୟାଙ୍କ ପାସବୁକ ଇତ୍ୟାଦିର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରିବେ ।
10. ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ସ୍ୱଇଚ୍ଛାରେ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ସର୍ତ୍ତାବଳୀ କୁ ପରିବର୍ତ୍ତନ କିମ୍ବା ନାକଚ କରିପାରିବେ ।

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଆଦେଶ କ୍ରମେ

**ସମ୍ପାଦକ**
**ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼**

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ , ବରଗଡ଼ / ସମସ୍ତ ବ୍ଲକ ଏବଂ ଜିଲ୍ଲାର ସମସ୍ତ ପୌରପରିଷଦ ବରଗଡ଼ କାର୍ଯ୍ୟାଳୟ ଙ୍କୁ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପ୍ରଦାନ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ ତଥା ସଭାପତି ବରଗଡ଼ ଧନୁଯାତ୍ରା ମହୋତ୍ସବ ଙ୍କ ଅବଗତ ନିମନ୍ତେ ପ୍ରେରଣ କରାଗଲା ।

**ସମ୍ପାଦକ**
**ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼**

# କଳାକାର ଚୟନ ପାଇଁ ଆବେଦନ ଫର୍ମ

୧. କେଉଁ ଭୂମିକା ପାଇଁ ଆବେଦନ କରୁଛନ୍ତି :

୨. ନାମ :

୩. ପିତାଙ୍କ ନାମ :

୪. ସ୍ଥାୟୀ ଠିକଣା :

୫. ବର୍ତ୍ତମାନ ଠିକଣା :

୬. ମୋବାଇଲ ନମ୍ବର( ୱାଟ୍ସଆପ୍) :

୭. ଶିକ୍ଷାଗତ ଯୋଗ୍ୟତା :

୮. ଜନ୍ମ ତାରିଖ ଏବଂ ବୟସ :

୯. ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା :

୧୦. କ୍ରମାନ୍ୱୟ ଭାବରେ କେଉଁ ଭୂମିକାରେ କେଉଁ ସ୍ଥାନରେ କେତେ ବର୍ଷ ଖୋଲା ମଞ୍ଚରେ ଅଭିନୟ କରିଛନ୍ତି :

୧୧. ଅଭିନୟ ଉତ୍କର୍ଷତା ପାଇଁ ପୁରସ୍କୃତ ବା ସମ୍ମାନିତ ହୋଇଥିବାର ବିବରଣୀ :

ନିଜର ପାସପୋର୍ଟ ସାଇଜ୍ ଫୋଟୋଗ୍ରାଫ ଏଠାରେ ଲଗାନ୍ତୁ ।

ମୁଁ ଘୋଷଣା କରୁଛି ଯେ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ ଏବଂ ଧନୁଯାତ୍ରା କଳାକାର ଚୟନ ବିଜ୍ଞାପନ ସଂଖ୍ୟା: ________ , ତା: _______________ ରେ ପ୍ରଦତ୍ତ ସମସ୍ତ ସର୍ତ୍ତାବଳୀ ମାନିବାକୁ ଅଙ୍ଗୀକାର ବଦ୍ଧ ହେଉଅଛି ।

ସ୍ଥାନ:

ତାରିଖ: ପ୍ରାର୍ଥୀଙ୍କ ସ୍ୱାକ୍ଷର (ପୁରାନାମ)

ବି.ଦ୍ର: ପ୍ରାର୍ଥୀ ଆବେଦନ ସମୟରେ ସରକାରଙ୍କ ପ୍ରଦତ୍ତ କୌଣସି ପରିଚୟ ପତ୍ର ଯଥା ଭୋଟର କାର୍ଡ, ପାନ କାର୍ଡ, ପାସପୋର୍ଟ, ବ୍ୟାଙ୍କ ପାସବୁକ ଇତ୍ୟାଦିର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରିବେ। ଆବେଦନ କରି ସଂଲଗ୍ନ କରୁଥିବା ଦସ୍ତାବେଜ ଗୁଡିକ ନିଜସ୍ୱ ସ୍ୱାକ୍ଷର ( Self-Attested) ହୋଇଥିବା ଆବଶ୍ୟକ।